# Akashvani, Sambalpur

# SAMBALPURI NEWS MORNING BULLETIN

## 15 September 2026 - 6.47- 6.52 am.

---

ନୂଆଖାଇ        ଆର୍ଏନ୍ୟୁ/ ସମ୍ବଲପୁର

ଆଏଜ୍ ହେଉଛେ କୃଷିଭିତିକ ଗଣପର୍ବ ନୂଆଖାଇ । ଭୁଦୋ ମାସର୍ ଉଜଲ୍ ପଖର୍ ପଂଚ୍ମୀ ତିଥିଥି  ପର୍ଶ୍ଚିମ ଓଡ଼ିଶା ନ ଲୁକେ ନିଜର୍ ନିଜର୍ ଇଲାକାର୍ ଦେ ଦେବ୍ତାଙ୍କର୍ ରାଶି ଅନ୍ସାରେ ଧାରିଜ୍ ଲଗନ୍ଥି ଦେ ଦେବ୍ତାଙ୍କୁ ନୂଆଁ ଲଗାଲା ଉତ୍ରୁ ନିଜର୍ ଘରେ ନୂଆ ଖାଏବେ । ସମ୍ବଲ୍ପୁର୍ ନ ଇଷ୍ଟଦେବୀ ମା ସମଲେଇଙ୍କର୍ ଠାନେ ନୂଆ ଲଗାବାର୍କେ ସବୁ ପ୍ରକାରର୍ ପ୍ରସ୍ତୁତି ସରିଛେ । ସଖାଲର୍ ୯ ବାଜିକରି ୪୦ ମିନିଟ୍ନୁ ୯ ବାଜିକରି ୫୪ ମିନିଟ୍ ଭିତ୍ରେ ମା ସମଲେଇଙ୍କର୍ ଠାନେ ନବାନ୍ନ ଲଗାଯିବା । ସମଲେଇଙ୍କର୍ ନ ନୂଆ ଲାଗ୍ଲା ଉତ୍ରୁ ଘରେ ଘରେ ନୂଆ ଖାଇସାଏଲା ପରେ ଲୁକେ ଦେ' ଦେବ୍ତାଙ୍କର୍ ଦର୍ଶନ୍ କର୍ବାର୍ ସହେତେ ବଡ଼ ସାନ୍ ଯାହାକେ ଯେନ୍ତା ମାଏନ୍ ସେ ହିସାବେ

ଜୁହାର୍ ଭେଟ୍ ହେବେ । ଉପର୍‌ବେଲା ଗାଁ ସହର୍ ସବୁ ନ ଜୁହାର୍ ଭେଟ୍ କାର୍ଯ୍ୟକ୍ରମ୍ ହେବା ।

ନୂଆଖାଇ ଲାଗି ପଶ୍ଚିମ ଓଡ଼ିଶାର୍ ଗାଁ ନୁ ସହର୍ ହେଇଛେ ଗହଲ୍ ଚହଲ୍ । ବାହାରେ କାମ୍‌ଧାମ୍ ଆର୍ ପାଠ୍ ପଢୁଥିବା ଲୁକେ ନିଜର୍ ପରିବାର୍ ସାଙ୍ଗେ ନୂଆ ଖାଏବାର୍‌କେ ଗଲାକାଏଲ୍‌ନୁ ଘର୍‌ମାନ୍‌କୁ ପୁହୁଁଚି ଯାଇଛନ୍ । ଗଲାକାଏଲ୍ ଜାଗା ଜାଗା ନୂଆଖାଇ ହାଟ୍ ବସିଥିବାର୍ ବେଲେ ଘର୍‌ମାନ୍‌କୁ ନୂଆଖାଇର୍ ସାଜୋ ଜୁଗାଡ୍ ହେଇସାରିଛେ । ଗାଁମାନ୍‌କୁ ଝାଁକର୍‌ମାନେ ଲୋକ୍‌ମାନ୍‌କର୍ ଘରେ ନୂଆଧାନ୍ ପୁହୁଁଚେଇଛନ୍ । ସମ୍ବଲ୍‌ପୁର୍ ପାଟଣେଶ୍ୱରୀ ମନ୍ଦିର୍‌କେ ଭିଲ୍ ନୂଆଖାଇ ଲାଗି ଗଲାକାଏଲ୍ ସରିଆ ଧାନ୍ ପୁହୁଁଚିଛେ ।

ନୂଆଖାଇ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସେ ତାଙ୍କର୍ ବାର୍ତାଥି ସୁଖ, ଶାନ୍ତି, ମୈତ୍ରୀ ଆର୍ ଆନନ୍ଦ ଆଉ ପରମ୍ପରାର୍ ପରବ୍ ନୂଆଖାଇ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଆର୍ ଅଭିନନ୍ଦନ୍ ଜନେଇଛନ୍ । ଇତାର୍‌ସଙ୍ଗେ ରାଜ୍ୟପାଲ୍ ରାଜ୍ୟର୍ ଚାଷୀ ଭାଏବହେନ୍ ମାନ୍‌କର୍ ସୁଖ ଆର୍ ସମୃଦ୍ଧି କାମନା କର୍‌ବାର୍ ସାଙ୍ଗେ ଓଡ଼ିଶାକେ ଗୁଟେ ଅଗ୍ରଣୀ ଆର୍ ପ୍ରଗତିଶୀଳ ରାଜ୍ୟ ବନାବାର୍‌କେ ଆହ୍ୱାନ୍ ଦେଇଛନ୍ ।

ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପଶ୍ଚିମ ଓଡ଼ିଶାର୍ ବଡ଼ଖା ତିହାର୍ ନୂଆଖାଇ ଲାଗି ସମ୍‌କୁ ନୂଆଖାଇ ଜୁହାର୍, ଶୁଭେଚ୍ଛା ଆର୍ ଅଭିନନ୍ଦନ୍ ଜନେଇଛନ୍ । ନୂଆଧାନ୍‌କେ ନିଜର୍ ଇଷ୍ଟଦେବୀଙ୍କୁ ସମର୍ପିକରି ସଭେ ମିଶିକରି ନୂଆଖାଏବାର୍ ପରମ୍ପରା ନୂଆଖାଇ ତିହାର୍ ହେଉଛେ ଆମର୍ ସଂସ୍କୃତି, ସମୃଦ୍ଧି ଆର୍ ଏକତାର ପ୍ରତୀକ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ନୂଆଖାଇ- ସମଲେଇମନ୍ଦିର୍ ସମ୍ବଲପୁର ସମ୍ବାଦଦାତା

ନୂଆଖାଇ ଅବ୍‌ସରେ ଆଏଜ୍ ପହପହନୁ ସମଲେଇ ମନ୍ଦିର୍ ନ ମାଙ୍କୁ ନୂଆ ବସ୍ତ୍ର ଆଉ ଅଲଙ୍କାର୍‌ଥି ସୁସଜ୍ଜିତ୍ କରାଯାଇଛେ । ତାର୍ ଉତ୍‌ରୁ ମଙ୍ଗଲ୍‌ଆଲ୍‌ତୀ କରାଯାଇଛେ । ମା'ଙ୍କର୍ ପୀଠ ନ ନବାନ୍ନ ଲାଗି କରାଯିବାର୍ ଲାଗି ଦିନର୍ ୧୧ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା । ଦିନର୍ ୧୧ ନୁ ୧୧ ବାଜିକରି ୪୫ ମିନିଟ୍‌ତକ୍ ଦର୍ଶନ୍ ଲାଗି ମାଙ୍କର୍ ଦୁଆର୍ ଖୁଲାଯିବା । ମାଙ୍କୁ ନବାନ୍ନ ଲାଗି କଲା ଉତ୍‌ରୁ ମଏଧାନର୍ ସାଢ଼େ ୧୨ ବଜେନୁ ଭକ୍ତମାନେ ମା'ଙ୍କର୍ ଦର୍ଶନ୍ କରିପାର୍‌ବେ ବଲି ସମଲେଶ୍ୱରୀ ମନ୍ଦିର୍

ଟ୍ରଷ୍ଟବୋର୍ଡ୍ ତରଫୁ ସୂଚ୍ନା ଦିଆଯାଇଛେ । ଇ ଅବ୍ସରେ ଆଏଜ୍ ଭକ୍ତମାନ୍କୁ କାନିକା ଭୋଗ୍ ଭିଲ୍ ବଂଟାଯିବା ।

ନୂଆପଡ଼ା -ନୂଆଖାଇ ନୂଆପଡ଼ା ସମ୍ବାଦଦାତା

ସାରା ପଶ୍ଚିମ ଓଡ଼ିଶା ନ ଭୁଦୋ ମାସର୍ ପଂଚମୀ ତିଥି ନ ନୂଆଖାଇ ପାଲିତ୍ ହେଉଥିବାର୍ ବେଲେ ଚତୁର୍ଥୀ ଦିନ ନୂଆପଡ଼ା ଜିଲ୍ଲା ଖରିଆର୍ ରାଜପରିବାର୍‌ର ଦୁହି ଅଧିଷ୍ଠାତ୍ରୀ ଦେବୀଙ୍କର୍ ନ ନବାନ୍ନ ଲାଗି କରାଯାଇଛେ । ଗଡ଼ରକ୍ଷୀ ଦେବୀ ରକ୍ତାମ୍ବରୀ, ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ନ ନୂଆଖାଇ ତିହାର୍ ପାଲିତ୍ ହେଇଯାଇଛେ । ଆଏଜ୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଉସତ୍ ଉସ୍ନାକି ସହେତେ ନୂଆଖାଇ ପାଲନ୍ କରାଯାଉଛେ ।

ସେମିକର୍ଣ୍ଡ ଇଣ୍ଡିଆ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ଗୁରୁବାର୍ ଦିନ ନୂଆଦିଲ୍ଲୀର୍ ଯଶୋଭୂମି ଠାନେ ୫ ନମ୍ବର୍ ସେମିକର୍ଣ୍ଡ ଇଣ୍ଡିଆ ୨୦୨୬କେ

ଉଦ୍‌ଘାଟନ୍ କର୍‌ବେ । ଇଥି ୪୦ ନୁ ଅଏତ୍‌କା ଦେଶର୍ ୬ ଶହ ନୁ ଅଏତ୍‌କା ପ୍ରତିନିଧି, ୩ ଶହ ଅନ୍ତର୍ଜାତୀୟ ସଂସ୍ଥା ଆଉ ପ୍ରତିଯୋଗୀ ଭାଗ୍ ନେବେ । ସୂଚ୍‌ନା ଅନ୍‌ସାରେ ସେମିକର୍ଣ୍ଣ ଇଣ୍ଡିଆ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ ୨୦୨୧ ମସିହା ଡିସେମ୍ବର୍ ମାସେ ହେଇଥିଲା । ଇଥିର୍‌ଲାଗି ୭୬ ହଜାର୍ କୋଟି ଟଙ୍କା ଖର୍ଚ୍ଚା ହେବା ବଲି ଜନାପଡ଼ିଛେ ।

ସେବା ସଂକଳ୍ପ ଅଭିଯାନ-ଧର୍ମେନ୍ଦ୍ର ପ୍ରଧାନ/ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍‌ଦିନ୍ ଆଉ ଜନସେବାର ୨୫ ବଛର୍ ପୂର୍ତି ଅବ୍‌ସରେ ସମ୍ବଲ୍‌ପୁର୍ ଠାନେ ଗୁଟେ ଜରୁରୀ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍, ବିଧାୟକ୍ ଜୟନାରାୟଣ୍ ମିଶ୍ର ପ୍ରମୁଖ ଉପସ୍ଥିତ୍ ଥିଲେ । ଆଏବା ୧୭ ତାରିଖ୍‌ନୁ ମୁଲ୍ ହେଇକରି ମାସେ ତକ୍ ସେବା ସଂକଳ୍ପ ଅଭିଯାନ୍ ‘ନରସେବା ହିଁ ନାରାୟଣ୍ ସେବା’ ପାଲନ୍ କରାଯିବା । ସାମାଜିକ୍ ସଂଗଠନ୍, ସ୍ୱେଚ୍ଛାସେବୀ ସଂଗଠନ୍

ଆଉ ତୃଣମୂଲ୍ସ୍ତର୍ର ମାତୃଶକ୍ତିଙ୍କୁ ମିଶେଇକରି ଇ ସେବା କାର୍ଯ୍ୟକ୍ରମ୍କେ ସଫଲ୍ କର୍ବାର୍ ଲାଗି ବୈଠକ୍ଥି ନିଷ୍ପତି ନିଆଯାଇଛେ । ସମ୍ବଲ୍ପୁର୍ ଜିଲ୍ଲାର୍ ପାଖାପାଖି ସବୁ ନିର୍ବାଚନ୍ ମଣ୍ଡଲୀ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା । ଇ ଭିତ୍ରେ ମା ସମଲେଶ୍ୱରୀଙ୍କର୍ ମନ୍ଦିରନ୍ନ ମହାଦୀପ ଭିଲ୍ ଦାନ କରାଯିବା ବଲି ବୈଠକ୍ନୁ ଜନାପଡ଼ିଛେ ।

ଦୂରଦର୍ଶନ୍ର ପ୍ରତିଷ୍ଠା ଦିବସ ଆର୍ଏନ୍ୟୁ ସମ୍ବଲପୁର

ଆଏଜ୍ ହେଉଛେ ଦୂରଦର୍ଶନ୍ର ପ୍ରତିଷ୍ଠା ଦିବସ୍ । ୧୯୫୯ ମସିହା ଆଝିର୍ ଦିନେ ଦୂର୍ଦର୍ଶନ୍ ପହେଲାଥର୍ ଲାଗି ତାର୍ ପ୍ରସାରଣ୍ ମୁଲ୍ କରିଥିଲା । ହେଲେ ୬୭ ବଛର୍ ତଲେ ସେଟା ଖାଲି ଦିଲ୍ଲୀ ଭିତ୍ରେ ସୀମିତ ଥିବାର୍ ବେଲେ ଆଏଜ୍ ଦୂରଦର୍ଶନ୍ ପ୍ରସାରଣ୍ ଜାତୀୟ ଆଉ ଆନ୍ତର୍ଜାତୀୟ ସ୍ତର୍କେ ପୁହୁଚିଛେ ।
ଇ ଅବ୍ସରେ ଭୁବ୍ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ତର୍ଫୁ ଆଏଜ୍ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯାଇଛେ । ଇଥି ଦେଶ୍ ଆଉ

ରାଜ୍ୟର୍ ନାଁକରା କଳାକାର୍‌ମାନେ ନିଜର୍ କଳାର୍ ପ୍ରଦର୍ଶନ୍ କର୍‌ବେ ବଲି ଜନାପଡ଼୍‌ଛେ ।